# ନକ୍ସଲ କାର୍ଯ୍ୟକଳାପ ନିୟନ୍ତ୍ରଣରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି–ମୁଖ୍ୟ ଶାସନ ସଚିବ

## ସଡ଼କ ସଂଯୋଗ, ଟେଲି–ଯୋଗାଯୋଗ ଓ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ।

ଭୁବନେଶ୍ୱର, ୨୨ –୮–୧୯

ନକ୍ସଲ କାର୍ଯ୍ୟକଳାପ ନିୟନ୍ତ୍ରଣରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଛନ୍ତି । ଆଜି ରାଜ୍ୟରେ ନକ୍ସଲ କାର୍ଯ୍ୟକଳାପ ସମ୍ବନ୍ଧିତ ଉଚ୍ଚସ୍ତରୀୟ ବୈଠକପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରଦେଇ ଶ୍ରୀ ତ୍ରିପାଠୀ ଏହା କହିଛନ୍ତି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଲଗାତାରଭାବେ ପ୍ରତିକାରାତ୍ମକ ପଦକ୍ଷେପ ଏବଂ ଇଣ୍ଟେଲିଜେନ୍ସ୍ ଭିତ୍ତିକ ଲକ୍ଷ୍ୟଭେଦୀ କାର୍ଯ୍ୟଧାରା ଫଳରେ ଏହା ସମ୍ଭବ ହୋଇଛି । ଇତି ମଧ୍ୟରେ ୧୫ ନକ୍ସଲ ପ୍ରଭାବିତ ଜିଲ୍ଲା ମଧ୍ୟରୁ ୧୦ଟିକୁ ମାଓବାଦୀ କାର୍ଯ୍ୟକଳାପ ମୁକ୍ତ କରାଯାଇଛି । ଆଗାମୀ ବର୍ଷମାନଙ୍କରେ ଓଡ଼ିଶାରୁ ଏହି ସମସ୍ୟାର ମୂଳୋତ୍ପାଟନ ପାଇଁ ଆସନ୍ତା ୨୬ ତାରିଖରେ କେନ୍ଦ୍ରୀୟ ଗୃହମନ୍ତ୍ରୀଙ୍କ ଅଧକ୍ଷତାରେ ହେବାକୁଥିବା ବୈଠକରେ କାର୍ଯ୍ୟ–କୌଶଳ ସ୍ଥିର କରାହେବ । ଏହି ବୈଠକରେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ ଯୋଗଦେବେ ।

ଶ୍ରୀ ତ୍ରିପାଠୀ ଆହୁରି ମଧ୍ୟ କହିଥିଲେ ଯେ ନକ୍ସଲ ମୁକାବିଲାର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତ୍ୱରାନ୍ୱିତ ବିକାଶ । ଗୁରୁପ୍ରିୟା ସେତୁ ନିର୍ମାଣ ଉପରେ 'ସ୍ୱାଭିମାନ ଅଂଚଳ'ରେ ଯେପରି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ସେହିପରି ବିକାଶ ପ୍ରକ୍ରିୟା ସମଗ୍ର ଦକ୍ଷିଣ ଓଡ଼ିଶାରେ ଜାରି ରଖିବା ପାଇଁ ସରକାର ଚେଷ୍ଟିତ ଅଛନ୍ତି । ବିକାଶ ପାଇଁ ରାସ୍ତାଘାଟ ସଂଯୋଗ ଓ ଟେଲି–ଯୋଗାଯୋଗ ଉପରେ ମଧ୍ୟ ଦିଲ୍ଲୀ ବୈଠକରେ ଆଲୋଚନା ହେବ । ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ଡା ନକ୍ସଲ ସମସ୍ୟା ସମ୍ବନ୍ଧିତ ପ୍ରଶାସନିକ ଓ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ଶର୍ମା କ୍ଷେତ୍ରସ୍ତରୀୟ ସଦ୍ୟତନ ତଥ୍ୟ ଅବଗତ କରାଇଥିଲେ ।

ବୈଠକରେ ନିରାପତ୍ତା, ନକ୍ସଲ ନିରୋଧି କାର୍ଯ୍ୟପନ୍ଥା ସହ ଉନ୍ନମୂଳକ ଯୋଜନା ଗୁଡିକର କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା ହୋଇଥିଲା । ଜଙ୍ଗଲ ଅଧିକାର ଆଇନ୍ ବଳରେ ଆଦିବାସୀ ମାନଙ୍କୁ ପଟ୍ଟା ବଣ୍ଟନ, ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ଓ କାର୍ଯ୍ୟକାରିତା, କୌଶଳ ବିକାଶ, ସଡ଼କ ନିର୍ମାଣ, ମୋବାଇଲ ଟାୱାର ନିର୍ମାଣ, ବ୍ୟାଙ୍କ୍ ପ୍ରତିଷ୍ଠା, ଡାକ ସେବା ଆଦି ବିଷୟରେ ଆଲୋଚନା ହୋଇଥିଲା ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧,୪୧,୪୭୧ ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଅଧିକାର ଆଇନରେ ଜମି ପଟ୍ଟା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି । ଏ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି । ଆର୍.ଆର୍.ପି. ଯୋଜନାର ୧ମ–ପର୍ଯ୍ୟାୟରେ ଅନୁମୋଦିତ ୨୯ଟି ରାସ୍ତା ପ୍ରକଳ୍ପର କାର୍ଯ୍ୟ ପ୍ରାୟତଃ ପୂର୍ଣ୍ଣାଙ୍ଗ ହୋଇଛି । ୨–ପର୍ଯ୍ୟାୟରେ ଅନୁମୋଦିତ ୩୩ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରାଯାଇଛି । ସେହିପରି

ମାଲ୍‌କାନ୍‌ଗିରି ଓ କୋରାପୁଟ ଜିଲ୍ଲାରେ ୨ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ଆରମ୍ଭ କରାଯାଇଛି । ୨୦୧୯-୨୦ ପାଇଁ ଅଧିକ ୩ଟି ବିଦ୍ୟାଳୟ ଅନୁମୋଦିତ ହୋଇଛି । ଆଦିବାସୀ ଯୁବକ ଯୁବତୀ ମାନଙ୍କର ନିଯୁକ୍ତି ଭିତ୍ତିକ କୌଶଳ ବୃଦ୍ଧି ନିମନ୍ତେ ୧ମ-ପର୍ଯ୍ୟାୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୫ଟି ଆଇ.ଟି.ଆଇ. ଏବଂ ୧୦ଟି କୌଶଳ ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି । ୨ୟ-ପର୍ଯ୍ୟାୟରେ ୧ଟି ଆଇ.ଟି.ଆଇ. ଏବଂ ୧ଟି କୌଶଳ ବିକାଶ କେନ୍ଦ୍ରର ନିର୍ମାଣ ତ୍ୱରାନ୍ୱିତ ହୋଇଛି ।୧ମ-ପର୍ଯ୍ୟାୟରେ ଅନୁମୋଦିତ ୨୫୩ ଟି ବି.ଏସ୍.ଏନ୍.ଏଲ୍ ମୋବାଇଲ ଟାୱାର ମଧ୍ୟରୁ ୨୪୮ଟି ନିର୍ମାଣ ସରିଥିଲେ ମଧ୍ୟ ଏହାର କାର୍ଯ୍ୟଦକ୍ଷତା ନିମ୍ନ ସ୍ତରର ରହିଛି । ଏଗୁଡିକୁ ୪-ଜି ସ୍ତରକୁ ଉନ୍ନିତ କରିବା ନିମନ୍ତେ ଆଶୁ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ୨ୟ-ପର୍ଯ୍ୟାୟରେ ୮୬୬ଟି ଟାୱାର ବସାଇବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସ୍ଥାନ ନିରୁପଣ କରାଯାଇ କେନ୍ଦ୍ରୀୟ ମନ୍ତ୍ରଣାଳୟଙ୍କୁ ଜଣାଇ ଦିଆଯାଇଥିଲା । ସେଥିରୁ ୪୮୩ ଟି ଟାୱାର ପ୍ରତିଷ୍ଠା ପାଇଁ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି । ଅନୁମୋଦିତ ସ୍ଥାନ ମାନଙ୍କରେ ଟାୱାର ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ନକ୍ସଲ ପ୍ରଭାବରୁ ମୁକ୍ତ ହୋଇଥିବା ୫୫୧ଟି ପଂଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ଏବଂ ଡାକଘର ମାଧମରେ ବ୍ୟାଙ୍କ ସେବା ଯୋଗାଣ ଆଦି ବିଷୟରେ ମଧ୍ୟ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ଶର୍ମା, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍‌ଡ଼ା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ଗ୍ରାମ ଉନ୍ନୟନ ପ୍ରମୁଖ ଶାସନ ସଚିବ ଡ଼ଃ ମୋନା ଶର୍ମା, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ପ୍ରଶାସନିକ, ପୋଲିସ୍ ଓ ଇଣ୍ଟେଲିଜେନ୍‌ସ୍ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,
ସୂଚନା ଅଧିକାରୀ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ